# ଶିକ୍ଷା, ନିଯୁକ୍ତି ମଧ୍ୟରେ ପାର୍ଥକ୍ୟ ଦୂର କରୁଛି ଆଇଏଚ୍ଏମ୍ ଭୁବନେଶ୍ୱର

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ଓଡ଼ିଶା ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ଉଭା ହୋଇଥିବାବେଳେ ବିଳାସପୂର୍ଣ୍ଣ ହୋଟେଲ ଏବଂ ରିସର୍ଟ ସଂଖ୍ୟାରେ ବୃଦ୍ଧି ଘଟିବା ସହିତ କୁଶଳୀ ପେସାଦାରଙ୍କ ଚାହିଦା ସର୍ବକାଳୀନ ଉଚ୍ଚସ୍ତରରେ ରହିଛି। ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଆଇଏଚ୍ଏମ୍) ଭୁବନେଶ୍ୱର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଅଧ୍ୟକ୍ଷା ଶାରଦା ଘୋଷ କହିଛନ୍ତି। ସେ କହିଛନ୍ତି, ଆଇଏଚ୍ଏମ୍ ଭୁବନେଶ୍ୱର ଶିକ୍ଷା ଓ ନିଯୁକ୍ତି ମଧ୍ୟରେ ପାର୍ଥକ୍ୟ ଦୂର କରି ଆତିଥ୍ୟ ଓ ପର୍ଯ୍ୟଟନ ଉଦ୍ୟୋଗକୁ ଆଗକୁ ନେବାରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛି। ଶିଳ୍ପ ଉପଯୋଗୀ ଦକ୍ଷତା ପ୍ରଦାନ କରିବା ପାଇଁ ପରିକଳ୍ପିତ ପାଠ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ଲାଭଜନକ ତଥା ଗତିଶୀଳ କ୍ୟାରିୟର ପାଇଁ ସୁଯୋଗ ଦେଉଛି। ଅଧ୍ୟାପକ ସମିତ ସୁମନ ସ୍ନାତକଙ୍କ ପାଇଁ ଉପଲବ୍ଧ କ୍ୟାରିୟର ସୁଯୋଗ ବିଷୟରେ କହିଥିଲେ। ପ୍ରଥମଦୀପ କର ପର୍ଯ୍ୟଟନ ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ଦକ୍ଷତା ବିକାଶ ପଦକ୍ଷେପ ଏବଂ ଦକ୍ଷତା ବିକାଶ କେନ୍ଦ୍ରଭାବେ ଆଇଏଚ୍ଏମ୍ ଭୁବନେଶ୍ୱରର ଭୂମିକା ବିଷୟରେ କହିଥିଲେ। ଆଇଏଚ୍ଏମ୍ ଭୁବନେଶ୍ୱରକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ବିଭିନ୍ନ ଡିପ୍ଲୋମା ପାଠ୍ୟକ୍ରମରେ କର୍ମଚାରୀଙ୍କ ପାଇଁ ଏକ ପ୍ରଶିକ୍ଷଣ କେନ୍ଦ୍ରଭାବେ ମନୋନୀତ କରାଯାଇଥିବା ସେ ସୂଚନା ଦେଇଥିଲେ।

